ସମ୍ବାଦ

# ଯୁଗଳ କିଶୋର ଷଡ଼ଙ୍ଗୀଙ୍କୁ ବାଲ୍ ସାହିତ୍ୟ ପୁରସ୍କାର





ନୂଆଦିଲ୍ଲୀ,୯/୧୧(ଇମିସ): ଶିଶୁ ସାହିତ୍ୟିକ ଡ. ଯୁଗଳ କିଶୋର ଷଡ଼ଙ୍ଗୀଙ୍କୁ ଆଜି କେନ୍ଦ୍ର ସାହିତ୍ୟ ଅକାଦେମି ବାଲ୍ ସାହିତ୍ୟ ପୁରସ୍କାର ୨୦୨୩ରେ ସମ୍ମାନିତ କରାଯାଇଛି। କେନ୍ଦ୍ର ସାହିତ୍ୟ ଅକାଦେମି ସଭାପତି ମାଧବ କୌଶିକଙ୍କ ହାତରୁ ଆଜି ସେ ଏହି ମର୍ଯ୍ୟାଦାଜନକ ପୁରସ୍କାର ଗ୍ରହଣ କରିଛନ୍ତି।

କେନ୍ଦ୍ର ସାହିତ୍ୟ ଅକାଦେମି ପକ୍ଷରୁ ସ୍ଥାନୀୟ ତ୍ରିବେଣୀ କଳା ସଙ୍ଗମ କଲଚରାଲ୍ କୋର୍ଟରେ ଆୟୋଜିତ ୨୦୨୩ର ବାଲ୍ ସାହିତ୍ୟ ପୁରସ୍କାର ବିତରଣ ସମାରୋହରେ ଡ. ଷଡ଼ଙ୍ଗୀଙ୍କ ସମେତ ୨୩ଟି ଭାଷାର ବାଲ୍ ସାହିତ୍ୟିକଙ୍କୁ ପୁରସ୍କୃତ କରାଯାଇଛି। ପ୍ରତ୍ୟେକ ବିଜେତାଙ୍କୁ ପୁରସ୍କାର ସ୍ୱରୂପ ତାମ୍ରଫଳକ ଓ ୫୦ ହଜାର ଟଙ୍କା ଅର୍ଥରାଶି ଦିଆଯାଇଛି।

ଉଲ୍ଲେଖଯୋଗ୍ୟ ଡ. ଷଡ଼ଙ୍ଗୀଙ୍କୁ "ଜେଜେଙ୍କ ଗପ ଗଣ୍ଠିଲି" ପୁସ୍ତକ ପାଇଁ ଚଳିତ ବର୍ଷର ବାଲ୍ ସାହିତ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ଶିଶୁ ସାହିତ୍ୟ କ୍ଷେତ୍ରରେ ତାଙ୍କର ୭ଟି ପୁସ୍ତକ ପ୍ରକାଶିତ ହୋଇସାରିଛି। ଆକାଶବାଣୀ ଗୀତିକାର ଓ ସାହିତ୍ୟ ସଂସ୍କୃତି ଗବେଷକ ଭାବେ ସେ ସୁପରିଚିତ। ପୁରସ୍କାର ପାଇଁ ଖୁସି ବ୍ୟକ୍ତ କରିବା ସହିତ ଆଗକୁ ତାଙ୍କର ସାହିତ୍ୟ ସାଧନାକୁ ଜାରି ରଖିବା ପାଇଁ ଏଭଳି ଏକ ମର୍ଯ୍ୟାଦାଜନକ ପୁରସ୍କାର ପ୍ରେରଣା ଯୋଗାଇବ ବୋଲି ଡ. ଷଡ଼ଙ୍ଗୀ କହିଛନ୍ତି। ସେହିଭଳି ସାନ୍ତାଳୀ ଭାଷାରେ 'ନେନେ-ପେଟେ' ଗଳ୍ପ ପୁସ୍ତକ ପାଇଁ ମାନସିଂହ ମାଝିଙ୍କୁ ବାଲ୍ ସାହିତ୍ୟ ପୁରସ୍କାରରେ ସମ୍ମାନିତ କରାଯାଇଛି। "ଏହି ପୁରସ୍କାର ମୋ ପାଇଁ ଯଥେଷ୍ଟ ଗୁରୁତ୍ୱ ବହନ କରୁଛି। ସାନ୍ତାଳୀ ଭାଷାର ପ୍ରଚାର ଓ ପ୍ରସାର ପାଇଁ ଅନେକ କାର୍ଯ୍ୟ କରିବାର ଅଛି" ବୋଲି ଶ୍ରୀ ମାଝି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ପୁରସ୍କାର ବିତରଣ ସମାରୋହରେ ଅକାଦେମିର ସଚିବ କେ. ଶ୍ରୀନିବାସ ରାଓ ସ୍ୱାଗତ ଭାଷଣ ଦେଇଛନ୍ତି। ମୁଖ୍ୟ ଅତିଥି ରୂପେ ପ୍ରଖ୍ୟାତ ଇଂରାଜୀ ଲେଖକ ହରିଶ ତ୍ରିବେଦୀ ଯୋଗଦେଇଥିବା ବେଳେ କେନ୍ଦ୍ର ସାହିତ୍ୟ ଅକାଦେମି ଉପାଧ୍ୟକ୍ଷ କୁମୁଦ ଶର୍ମା ସମାପନ ମନ୍ତବ୍ୟ ରଖିଥିଲେ।